# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

### 22 May - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଆଜିଠାରୁ ଆରମ୍ଭ; ଏହି ସମୟରେ ୭ ଦିନ ବସିବ ଅବକାଶକାଳୀନ ଖଣ୍ଡପୀଠ

- ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୬ଟିଲୋକସଭା ଏବଂ ୪୨ଟି ବିଧାନସଭା ପାଇଁ ଆସନ୍ତାକାଲି ଶେଷ ହେବ ପ୍ରଚାର

- ଆସନ୍ତା ରବିବାର ଦିନ ପ୍ରକାଶ ପାଇବ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ

- ବୈଶାଖ ଶୁକ୍ଲ ନୃସିଂହ ଚତୁର୍ଦ୍ଦଶୀ ତିଥିରେ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ  ନୃସିଂହ ଜନ୍ମନୀତି

ଏବଂ

- ଲଘୁଚାପର  ରୂପ ନେଲା ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ

— ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ସ୍ପଷ୍ଟ ଜଣାପଡିନାହିଁ

## ହାଇକୋର୍ଟ-ଗ୍ରୀଷ୍ମ ଅବକାଶ

ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଆଜିଠାରୁ ଆରମ୍ଭ ହୋଇ ଜୁନ୍ ମାସ ୧୭ ତାରିଖ ପର୍ଯ୍ୟନ୍ତ ରହିବ । ଗ୍ରୀଷ୍ମ ଅବକାଶ ସମୟରେ ଚଳିତମାସ ୨୩, ୨୮, ୩୦ ତାରିଖ ଏବଂ ଜୁନ୍ ମାସ ୪, ୬, ୧୧ ଏବଂ ୧୨ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଜରୁରୀ ମାମଲା ଗୁଡ଼ିକର ଶୁଣାଣି ପାଇଁ ଅବକାଶକାଳୀନ ଖଣ୍ଡପୀଠଙ୍କ ନିକଟରେ ମାମଲା ତାଲିକାଭୁକ୍ତ କରାଯାଇ ପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

## ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ତୃତୀୟ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ଆସନ୍ତା ୨୫ ତାରିଖ ଶନିବାର ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଖୋର୍ଦ୍ଧା, ନୟାଗଡ଼, କଟକ, ପୁରୀ, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଓ ଦେବଗଡ଼ ଆଦି ୧୦ଟି ଜିଲ୍ଲାର ୬ଟି ଲୋକସଭା ଆସନ ଏବଂ ଏହା ଅଧୀନ ୪୨ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏହି ପର୍ଯ୍ୟାୟ ମତଦାନ ନିମନ୍ତେ ଆସନ୍ତାକାଲି ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହେଉଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ପାଇଁ ଷ୍ଟାର ପ୍ରଚାରକମାନେ ପ୍ରଚାର କରୁଛନ୍ତି ।

ଆଜି କେନ୍ଦୁଝରର ଜିଲ୍ଲାର  ଚମ୍ପୁଆଠାରେ ଆୟୋଜିତ ବିଜେପିର ବିଜୟ ସଂକଳ୍ପ ସମାବେଶରେ ଷ୍ଟାର ପ୍ରଚାରକ ଅରୁଣ ଗୋଭିଲ୍ ନିର୍ବାଚନ ପ୍ରଚାର କରିଛନ୍ତି।  ଏହି ଅବସରରେ ଆୟୋଜିତ ସଭାରେ ଛତିଶଗଡ଼ ରାଜ୍ୟସଭା ସାଂସଦ ଅରୁଣ ଦୁବେ ଯୋଗ ଦେଇଥିଲେ।

ସେହିପରି ଆସନ୍ତାକାଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ଜଣାପଡିଛି  ।

# ପୁନଃ ମତଦାନ-କଣ୍ଟାମାଳ

କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ କଣ୍ଟାମାଳ ବିଧାନସଭାର ଦୁଇଟି ବୁଥରେ ଆସନ୍ତାକାଲି ପୁନଃ ମତଦାନ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । କଣ୍ଟାମାଳର ୨୬ନମ୍ବର ବୁଥ ଏବଂ ୨୮ନମ୍ବର ବୁଥରେ ଆସନ୍ତାକାଲି ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ ।

## ପ୍ରଧାନମନ୍ତ୍ରୀ-ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ପୁଣି ଓଡ଼ିଶା ଗସ୍ତରେ ଆସିବେ ବୋଲି ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲସିଂ ତୋମାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ

କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି।

ସେହିପରି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆସନ୍ତା ୨୫ ତାରିଖରେ ପୁଣି ଓଡ଼ିଶା ଗସ୍ତରେ ଆସି ବାରିପଦା, ଚାନ୍ଦବାଲି, ପୁରୀ ଓ ନିମାପଡାଠାରେ ଆୟୋଜିତ ଜନସଭାରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି।

## ମୁଖ୍ୟମନ୍ତ୍ରୀ- ନିର୍ବାଚନ ପ୍ରଚାର

ବିଜୁ ଜନତା ଦଳର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି କଟକ ବାଲିଯାତ୍ରା ପଡିଆଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବେ। ଅପରାହ୍ଣ ୪ଟା ୧୫ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ କଟକବାସୀଙ୍କ ଆଗରେ ତାଙ୍କ ଅଭିଭାଷଣ ପ୍ରଦାନ କରିବେ ବୋଲି ଜଣାପଡିଛି।

## ଗିରିରାଜ ସିଂଙ୍କ ପ୍ରଚାର

ବିଜେପି ନେତା ତଥା କେନ୍ଦ୍ର ଗ୍ରାମ୍ୟଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ଗିରିରାଜ ସିଂ ଆଜି ସମ୍ବଲପୁରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଶ୍ରୀ ସିଂ ଭୁତାପଡା ଛକରୁ ସୁନାପାଲି ପର୍ଯ୍ୟନ୍ତ ଏକ ରୋଡ୍ ଶୋ' ଏବଂ ପଦଯାତ୍ରାରେ ଯାଇ ନିର୍ବାଚନ ପ୍ରଚାର କରିଛନ୍ତି। ଓଡ଼ିଆ ଅସ୍ମିତାକୁ ବଞ୍ଚାଇବା ପାଇଁ ନୂତନ ସରକାର ଗଢ଼ିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ସିଂ  କହିଛନ୍ତି। ମହିଳା ଓ ଶିଶୁବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ସମ୍ବଲପୁରଠାରେ ଆଜି ନିର୍ବାଚନ ପ୍ରଚାର କରିଛନ୍ତି। ପୂର୍ବାହ୍ଣରେ ସମ୍ବଲପୁରର

କ୍ଷେତରାଜପୁରଠାରେ ଆୟୋଜିତ ଏକ ଜନସଭାରେ ଉଭୟ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଏବଂ ସ୍ମୃତି ଇରାନୀ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

## ଦ୍ୱାଦଶ ପରୀକ୍ଷା ଫଳ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷା ଫଳ ଆସନ୍ତା ୨୬ ତାରିଖ ଅପାହ୍ନରେ ପ୍ରକାଶ ପାଇବ ବୋଲି ସି.ଏଚ୍.ଏସ୍.ଇ ପକ୍ଷରୁ ସୂଚନା ଦିଆଯାଇଛି । ଛାତ୍ରଛାତ୍ରୀମାନେ ***www.*orissaresults.nic.in** ୱେବ୍‌ସାଇଟ୍ ମାଧ୍ୟମରେ ଫଳାଫଳ ଜାଣିପାରିବେ । ଗତ ଫେବୃୟାରୀ ୧୬ ରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ହୋଇଥିବା ଯୁକ୍ତଦୁଇ ପରୀକ୍ଷାରେ ୩ ଲକ୍ଷ ୮୬ ହଜାର ୨୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

## ନିର୍ବାଚନ–ଭୁବନେଶ୍ୱର

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ଭୁବନେଶ୍ୱର ଲୋକସଭା କ୍ଷେତ୍ର ଅଧୀନରେ ଆସୁଥିବା ୩ଟି ନିର୍ବାଚନମଣ୍ଡଳୀ ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର-ଉତ୍ତର ଓ ଏକାମ୍ର ଆସନ ପାଇଁ ଭୋଟ୍ ନିଆଯିବ ।

ନିର୍ବାଚନ ସ୍ଥିତି ନେଇ ଆମ ଭୁବନେଶ୍ୱର ସମ୍ବାଦଦାତା **ଦୀପକ କୁମାର ବେହେରା**ଙ୍କ ରିପୋର୍ଟ....

# - V/O -

## ମତଦାନ-ଢେଙ୍କାନାଳ

ତୃତୀୟ ପର୍ଯ୍ୟାୟରେ ଢେଙ୍କାନାଳ ଜିଲ୍ଲାରେ ହେବାକୁ ଥିବା ମତଦାନ ନିମନ୍ତେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲାରେ ମୋଟ୍ ୧ ହଜାର ୨୧ଟି ମତଦାନ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ଢେଙ୍କାନାଳ ନିର୍ବାଚନମଣ୍ଡଳୀ ପାଇଁ ୨୭୩ଟି, କାମାକ୍ଷାନଗର ନିର୍ବାଚନମଣ୍ଡଳୀ ପାଇଁ ୨୩୬ଟି, ହିନ୍ଦୋଳ ପାଇଁ ୨୭୦ଟି, ପରଜଙ୍ଗ ପାଇଁ ୨୪୨ଟି ମତଦାନ କେନ୍ଦ୍ର କରାଯାଇଛି। ଜିଲ୍ଲାରେ ଥିବା ମୋଟ୍ ୯ ଲକ୍ଷ ୭୨ ହଜାର ୩୩ ଜଣ ମତଦାତାଙ୍କ ପାଇଁ ୧ ହଜାର ୨୧ଟି ମତଦାନ କେନ୍ଦ୍ର କରାଯାଇଛି। ୧୧୦ଟି କେନ୍ଦ୍ରରେ ୱେବ୍‌କାଷ୍ଟିଂର ବ୍ୟବସ୍ଥା କରାଯାଇଛି।

## ମତଦାନ-ଗଞ୍ଜାମ

ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ  ହୋଇଥିଲା। ଛତ୍ରପୁର ହାଇସ୍କୁଲ ପରିସରରେ କରାଯାଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ହିଞ୍ଜିଳି, ଖଲ୍ଲିକୋଟ, ପୋଲସରା ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀଗୁଡ଼ିକର ବିଭିନ୍ନ ବୁଥ୍‌ରୁ ଆସିଥିବା ଇଭିଏମ୍ ମେସିନ୍‌ଗୁଡ଼ିକୁ ରଖାଯାଇ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ କୋଠରୀକୁ ସିଲ୍ କରାଯାଇଛି। ଏହି କୋଠରୀଗୁଡ଼ିକୁ ସିସିଟିଭି ନଜରରେ ରଖାଯାଇଛି ଏବଂ ୨୪ ଘଣ୍ଟିଆ ପୁଲିସ୍ ମୁତୟନ କରାଯାଇଛି।

## ନୃସିଂହ ଜନ୍ମନୀତି

ଶ୍ରୀମନ୍ଦିରରେ ଆଜି ପବିତ୍ର  ବୈଶାଖ ଶୁକ୍ଳ ନୃସିଂହ ଚତୁର୍ଦ୍ଦଶୀ ତିଥିରେ ବିଳମ୍ବିତ ରାତିରେ ନୃସିଂହ ଜନ୍ମନୀତି ଅନୁଷ୍ଠିତ ହେବ।  ଏହିଦିନ ଭଗବାନ ନୃସିଂହ ଭକ୍ତ ପ୍ରହଲ୍ଲାଦଙ୍କ ପାଇଁ ପ୍ରକଟ ହୋଇଥିବାବେଳେ ହିରଣ୍ୟକଶ୍ୟପଙ୍କୁ ବଧ କରିଥିଲେ। ପରମ୍ପରା ଅନୁଯାୟୀ, ଆଜିଠାରୁ ରଥଖଳାରେ ଯନ୍ତାଗାଡ଼ ପ୍ରସ୍ତୁତ କରାଯାଇଛି। ଆଜି ତିନିରଥର ଗୁଜ ଅନୁକୂଳ କରାଯିବ। ଗୁଜ କାଠରେ ରୂପକାର ସେବକମାନେ ନୃସିଂହ ବିରାଜ ପ୍ରସ୍ତୁତ କରିବେ।

**ଗଞ୍ଜାମ** ଜିଲ୍ଲାର ବ୍ରହ୍ମପୁର, ଛତ୍ରପୁର, ଆସିକା, ଭଞ୍ଜନଗର, ଖଲ୍ଲିକୋଟ ସମେତ ବିଭିନ୍ନ ଅଂଚଳରେ ଥିବା ନୃସିଂହନାଥଙ୍କ ମଠ ଓ ମନ୍ଦିରଗୁଡ଼ିକରେ ନୃସିଂହ ଚତୁର୍ଦ୍ଦଶୀ ପର୍ବ ପାଳିତ ହୋଇଛି। ଏହି ଅବସରରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଛି।

## ପାଣିପାଗ

ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଆଜି ଲଘୁଚାପର ରୂପ ନେଇଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ତାମିଲନାଡୁ-ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଲଘୁଚାପ କ୍ଷେତ୍ରଟି କ୍ରମଶଃ ଉତ୍ତର-ପୂର୍ବଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହା ଅଧିକ ଘନୀଭୂତ ହୋଇ ୨୪ ତାରିଖ ଶୁକ୍ରବାର ସକାଳେ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ

ଅବପାତର ରୂପ ନେବ। ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବା ଲାଗି ପରାମର୍ଶ ଦିଆଯାଇଛି। ଏହାର ପ୍ରଭାବ ଓଡ଼ିଶା ଉପରେ ବିଶେଷ ପଡିବାର ସମ୍ଭାବନା ନାହିଁ ବୋଲି କେତେକ ପାଣିପାଗ ମଡେଲ ପୂର୍ବାନୁମାନ କରିଛନ୍ତି । ହେଲେ ବାତ୍ୟା ନେଇ ସ୍ପଷ୍ଟଚିତ୍ର ବିଭିନ୍ନ ପାଣିପାଗ ମଡେଲ ଅଲଗା ଅଲଗା ଆକଳନ କରୁଥିବାରୁ ଆସନ୍ତା ଦୁଇଦିନ ପରେ କେଉଁଆଡକୁ ବାତ୍ୟା ମୁହାଁଇବ ତାହା ସ୍ପଷ୍ଟ ଜଣାପଡିବ ।

**********************************